# NATIONAL NEWS BULLETIN (ODIA)

**29 October - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ଧନ୍ୱନ୍ତରି ଜୟନ୍ତୀ ଏବଂ ନବମ ଆୟୁର୍ବେଦ ଦିବସ ଅବସରରେ ଆଜି ୧୨ ହଜାର ୮୫୦ କୋଟି ଟଙ୍କାର ବିଭିନ୍ନ ସ୍ୱାସ୍ଥ୍ୟ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଦେଶ ବ୍ୟାପି ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ଆଜି ପ୍ରଦାନ କରାଯିବ ନିଯୁକ୍ତିପତ୍ର ।

- ଝାଡ଼ଖଣ୍ଡ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ଆଜି ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ।

ଏବଂ

- ମହିଳା କ୍ରିକେଟ୍‌ର ତୃତୀୟ ତଥା ଅନ୍ତିମ ଏକଦିବସୀୟ ମ୍ୟାଚ୍‌ରେ ଆଜି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ।

# ପିଏମ୍-ଧନନ୍ତ୍ୱରି ଜୟନ୍ତୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଧନନ୍ତ୍ୱରି ଜୟନ୍ତୀ ଏବଂ ନବମ ଆୟୁର୍ବେଦ ଦିବସ ଅବସରରେ ନୂଆଦିଲ୍ଲୀରେ ସ୍ୱାସ୍ଥ୍ୟ କ୍ଷେତ୍ର ସହ ଜଡ଼ିତ ୧୨ ହଜାର ୮୫୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ, ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ସମ୍ପ୍ରସାରଣ ଆରମ୍ଭ କରିବେ । ଏଥିରେ ଦେଶର ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରୀକଙ୍କୁ ଅନ୍ତର୍ଭୁକ୍ତ କରାଯିବ ବୋଲି ଜଣାପଡ଼ିଛି ।

ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଏକାଧିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ । ସେ ଭାରତର ପ୍ରଥମ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନର ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଘାଟନ କରିବେ । ଏଥିରେ ପଞ୍ଚକର୍ମ ଡାକ୍ତରଖାନା, କ୍ରୀଡ଼ା ଚିକିତ୍ସା ୟୁନିଟ୍, କେନ୍ଦ୍ରୀୟ ପାଠାଗାର, ଆଇ.ଟି. ଏବଂ ଷ୍ଟାର୍ଟଅପ୍ ଇନ୍‌କ୍ୟୁବେସନ୍ କେନ୍ଦ୍ର ଓ ୫୦୦ ଆସନ ବିଶିଷ୍ଟ ଅଡିଟୋରିୟମ୍ ରହିଛି । ଆଜି ମଧ୍ୟ ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶର ମନ୍ଦସୋର ନିମୁଜ୍ ଏବଂ ସିଓଲି ଠାରେ ତିନୋଟି ମେଡିକାଲ୍ କଲେଜ୍‌ର ଉଦ୍‌ଘାଟନ କରିବେ ।

ସେହିଭଳି ହିମାଚଳ ପ୍ରଦେଶର ବିଳାସପୁର, ପଶ୍ଚିମବଙ୍ଗର କଲ୍ୟାଣୀ, ବିହାରର ପାଟନା, ଉତ୍ତର ପ୍ରଦେଶର ଗୋରଖପୁର, ମଧ୍ୟପ୍ରଦେଶର ଭୋପାଳ, ଆସାମର ଗୌହାଟୀ ଏବଂ ନୂଆଦିଲ୍ଲୀସ୍ଥିତ ଏମ୍‌ସ୍‌ଠାରେ ଜନ ଔଷଧି କେନ୍ଦ୍ର ସହିତ ସମ୍ପ୍ରସାରିତ ସେବାର ଶୁଭାରମ୍ଭ କରିବେ । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓଡ଼ିଶାର ବରଗଡ଼ଠାରେ ଏକ କ୍ରିଟିକାଲ୍ କେୟାର୍ ବ୍ଲକ୍‌ର

ଉଦ୍‌ଘାଟନ କରିବା ସଂହିତ ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ମଣିପୁର, ତାମିଲ୍‌ନାଡୁ ଏବଂ ରାଜସ୍ଥାନରେ ୨୧ଟି ଅନୁରୂପ ବ୍ଲକ୍ ଲାଗି ଶିଳାନ୍ୟାସ କରିବେ ।

ଶ୍ରୀ ମୋଦୀ ମଧ୍ୟପ୍ରଦେଶର ଇନ୍ଦୋର ଠାରେ ଏକ ଇ.ଏସ୍.ଆଇ.ସି. ହସ୍ପିଟାଲର ଉଦ୍‌ଘାଟନ କରିବା ସହ ହରିଆଣାର ଫରିଦାବାଦ୍, କର୍ଣ୍ଣାଟକର ବୋମ୍‌ସାନ୍ଦ୍ରା ଏବଂ ନରସାପୁର, ମଧ୍ୟପ୍ରଦେଶର ଇନ୍ଦୋର, ଉତ୍ତରପ୍ରଦେଶର ମିରଟ ଏବଂ ଆନ୍ଧ୍ରପ୍ରଦେଶର ଅଚ୍ୟୁତପୁରମ୍ ଇ.ଏସ୍.ଆଇ.ସି. ହସ୍ପିଟାଲ୍‌ର ଶିଳାନ୍ୟାସ କରିବେ ।

ପ୍ରଧାନମନ୍ତ୍ରୀ ୟୁ-ୱିନ୍ ପୋର୍ଟାଲ୍‌ର ମଧ୍ୟ ଆଜି ଶୁଭାରମ୍ଭ କରିବେ । ଏଥିରେ ଗର୍ଭବତୀ ମହିଳା ଓ ଶିଶୁମାନେ ସମ୍ପୂର୍ଣ୍ଣ ଡିଜିଟାଲ୍ ପ୍ରକ୍ରିୟାରେ ଟିକାକରଣ ସୁବିଧା ପାଇପାରିବେ । ଏହାଛଡ଼ା ସ୍ୱାସ୍ଥ୍ୟସେବା ପାଇଁ ପ୍ରଧାନମନ୍ତ୍ରୀ ଅନ୍ୟ ଏକ ପୋର୍ଟାଲ୍‌ର ଶୁଭାରମ୍ଭ କରିବେ । ଏଥିରେ ସମସ୍ତ ସ୍ୱାସ୍ଥ୍ୟସେବା ଯୋଗାଉଥିବା ପ୍ରତିଷ୍ଠାନ ଓ ସେଥିରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ପ୍ରଦାନକାରୀଙ୍କ ତାଲିକା ରହିବ ।

ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ଭୁବନେଶ୍ୱରର ଗୋଠ ପାଟଣାରେ ଏକ କେନ୍ଦ୍ରୀୟ ଔଷଧ ପରୀକ୍ଷାଗାରକୁ ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆଭାସୀ ଜରିଆରେ ଦେଶବ୍ୟାପୀ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । କେନ୍ଦ୍ର

ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଦ୍ୱାରା ଅନୁଷ୍ଠିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏହି  ନବନିଯୁକ୍ତମାନଙ୍କୁ ଦେଶବ୍ୟାପୀ ୪୦ଟି ସ୍ଥାନରେ ନିଯୁକ୍ତିପତ୍ର ଦିଆଯିବ । ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କର ପ୍ରତିଶ୍ରୁତିବଦ୍ଧତା ଏହି ରୋଜଗାର ମେଳାଦ୍ୱାରା ପ୍ରତିଫଳିତ ହୋଇଥାଏ । ଏହି ନବନିଯୁକ୍ତମାନେ କର୍ମଯୋଗୀ ପ୍ରାରମ୍ଭ ଅନ୍‌ଲାଇନ୍ ମୋଡ୍ୟୁଲ୍ ମାଧ୍ୟମରେ ତାଲିମ୍ ନେବାର ସୁଯୋଗ ପାଇବେ । ଏକ ବିକଶିତ ଭାରତ ଗଠନ ଦିଗରେ ସେମାନେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ।

## ଗୋୟଲ୍ - ସାଉଦି ଭିଜିଟ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜିଠାରୁ ଦୁଇ ଦିନିଆ ସାଉଦିଆରବ ଗସ୍ତରେ ଯିବେ । ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ଉଭୟ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀ ଦୃଢ଼ କରି ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ଅର୍ଥନୈତିକ ସହଯୋଗ କ୍ଷେତ୍ରରେ ନୂଆ ଉପାୟ ବାହାର କରିବା । ଏହି ଗସ୍ତ କାଳରେ ଶ୍ରୀ ଗୋୟଲ ରିଆଦ୍ ଠାରେ ଅଷ୍ଟମ ଭବିଷ୍ୟତ ପୁଞ୍ଜିନିବେଶ ପଦକ୍ଷେପ ସମ୍ମିଳନୀରେ ଭାଗ ନେବେ ।

ମନ୍ତ୍ରୀ ଶ୍ରୀ ଗୋୟଲ୍ ସାଉଦି ଆରବର ବିଭିନ୍ନ ମନ୍ତ୍ରୀମାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ଏଥିରେ ଶକ୍ତି, ଡିଜିଟାଲ୍ ପରିବର୍ତ୍ତନ ଏବଂ ବାଣିଜ୍ୟ ସହଯୋଗ ନିମନ୍ତେ ଆଲୋଚନା ହେବ । ଶ୍ରୀ ଗୋୟଲ୍ ଭାରତ-ସାଉଦି ସହଯୋଗ ପରିଷଦର ଦ୍ୱିତୀୟ ଅର୍ଥନୀତି ଏବଂ ପୁଞ୍ଜିନିବେଶ କମିଟିର

ବୈଠକରେ ଯୋଗଦେବେ । ଏହି ବୈଠକରେ କୃଷି, ଖାଦ୍ୟନିରାପତ୍ତା, ଶକ୍ତି, ଜ୍ଞାନକୌଶଳ ଏବଂ ଭିତ୍ତିଭୂମି ନିର୍ମାଣ ଉପରେ ଆଲୋଚନା ହେବ । ମନ୍ତ୍ରୀ ଶ୍ରୀ ଗୋୟଲ୍ ସାଉଦି ଆରବ ସ୍ଥିତ ଭାରତୀୟ ଦୂତାବାସରେ ଗୋଟିଏ ଜିଲ୍ଲା-ଗୋଟିଏ ଉତ୍ପାଦ ସମ୍ପର୍କିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ।

## ମହାରାଷ୍ଟ୍ର ନୋମିନେସନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲର ଆଜି ହେଉଛି ଶେଷ ଦିନ । ଗୋଟିଏ ପର୍ଯ୍ୟାୟରେ ହେଉଥିବା ଏହି ନିର୍ବାଚନ ପାଇଁ ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ ଏବଂ ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି । ନଭେମ୍ବର ୨୦ରେ ସମସ୍ତ ୨୮୮ଟି ଆସନ ଲାଗି ମତଗ୍ରହଣ ଅନୁଷ୍ଠିତ ହେବ । ନଭେମ୍ବର ୨୩ରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ଵାର, କଂଗ୍ରେସ ନେତା ବିଜୟ ଓ୍ଵାଡେଟିଓ୍ଵାର ଗତକାଲି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ନାମାଙ୍କନପତ୍ର ଦାଖଲ କରିଥିବା ଅନ୍ୟ ମାନଙ୍କ ମଧ୍ୟରେ ମହାରାଷ୍ଟ୍ର ଜଙ୍ଗଲ ମନ୍ତ୍ରୀ ତଥା ବିଜେପି ନେତା ସୁଧୀର ମୁଙ୍ଗନ୍ତିଓ୍ଵାର୍ ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ତଥା ରାଜ ଠାକରେଙ୍କ ପୁଅ ଅମିତ ଠାକରେ ଅଛନ୍ତି ।

# ବିଜେପି ମହାରାଷ୍ଟ୍ର

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ବିଜେପି ଅନ୍ୟ ଦଳ ଗୁଡ଼ିକ ସହ ୪ଟି ଆସନ ବୁଝାମଣା କରିଛି । କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାଓ୍ୱାଲେଙ୍କ ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ କଲିନା ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବ ।  ସେହିପରି ଜୁବା ସ୍ୱାଭିମାନ ପାର୍ଟି ବଦନେରାରୁ ନିର୍ବାଚନରେ ଅବତୀର୍ଣ୍ଣ ହେବ । ରାଷ୍ଟ୍ରୀୟ ସମାଜପାର୍ଟି ଗଙ୍ଗାଖେଡ୍ ଏବଂ ଜନସୂର୍ଯ୍ୟ ଶକ୍ତି ପାର୍ଟି ଶାହାଉଦ୍ଦିରୁ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଜଣାପଡ଼ିଛି ।

# ଝାଡ଼ଖଣ୍ଡ-ନୋମିନେସନ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜି ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶେଷ ହେଉଛି । ଏହି ପର୍ଯ୍ୟାୟରେ ଆସନ୍ତା ମାସ ୨୦ ତାରିଖରେ ୩୮ଟି ଆସନ ନିମନ୍ତେ ମତଗ୍ରହଣ ଅନୁଷ୍ଠିତ ହେବ । ଏ ପର୍ଯ୍ୟନ୍ତ ୬୩୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିସାରିଛନ୍ତି । ଆସନ୍ତାକାଲି ପ୍ରାର୍ଥୀପତ୍ର ଗୁଡ଼ିକର ଯାଞ୍ଚ ହେବାକୁ ଥିବା ବେଳେ ନଭେମ୍ବର ୧ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ ।

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନିମନ୍ତେ ଘୋଷଣା ହେବା ପରେ ୮୬ କୋଟି ୩୨ ଲକ୍ଷରୁ ଅଧିକ ଟଙ୍କା ସମେତ ବିଭିନ୍ନ ବେନିୟମ ସାମଗ୍ରୀ ଜବତ କରାଯାଇଛି । ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗରେ ଏ ପର୍ଯ୍ୟନ୍ତ ୨୦ଟି ଏତଲା ଦାଏର କରାଯାଇଥିବା ସୂଚନା ମିଳିଛି ।

# ଝାଡ଼ଖଣ୍ଡ-ଭୋଟିଂ କ୍ୟାମ୍ପେନ୍

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଭୋଟ ଦାନ କରିବାକୁ ୧୭ ହଜାରରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ଅବିଭାବକଙ୍କ ନିକଟକୁ ପତ୍ର ଲେଖିଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବିକୁମାର କହିଛନ୍ତି, ଉଭୟ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପିତାମାତା ଏହି ବିଷୟ ସାମାଜିକ ଗଣମାଧ୍ୟମରେ ବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ 'ହାସ୍ ମମି ପାପା ଭୋଟ୍ ଦୋ' ଅଭିଯାନ ଏବେ ୧୦ଟି ପ୍ରମୁଖ ତାଲିକାରେ ରହିଛି । ଗତକାଲି ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ ଏହି ହାସ୍ ଟ୍ୟାଗ୍‌ରେ ୩୦ ହଜାରରୁ ଅଧିକ ପୋଷ୍ଟ କରାଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଅଧିକରୁ ଅଧିକ ଭୋଟରମାନଙ୍କ ଯୋଗଦାନ ପାଇଁ ଏହି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ।

# ହୋମ୍ ମିନିଷ୍ଟ୍ରି-ସାଇବର କ୍ରାଇମ୍

ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର – **14C** ବେନିୟମ ଅର୍ଥ ଦେଣନେଣ ନେଇ ଏହାକୁ ସହାୟତା କରୁଥିବା ଏକ ପେମେଣ୍ଟ ଗେଟ୍‌ୱେ ବିରୋଧରେ ସତର୍କ ସୂଚନା ଜାରି କରିଛି । ସୂଚନା ମୁତାବକ ଏକ ଆନ୍ତର୍ଜାତିକ ସଂଗଠିତ ସାଇବର ଅପରାଧିମାନେ ବ୍ୟାଙ୍କ୍ ଆକାଉଣ୍ଟ ବ୍ୟବହାର କରି ଏହି ପେମେଣ୍ଟ ଗେଟ୍‌ୱେ ଜରିଆରେ ଅର୍ଥ ଠକେଇ କରୁଥିବା ଜଣାପଡ଼ିଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗୁଜରାଟ ଏବଂ ଆନ୍ଧ୍ରପ୍ରଦେଶ ପୁଲିସ୍ ନିକଟରେ ଏହି ବିଷୟ ଲୋକଲୋଚନକୁ ଆଣିଥିଲା ।

ଦେଶର ବିଭିନ୍ନ ସ୍ଥାନରେ ହୋଇଥିବା ଚଢ଼ାଉ ପରେ ଜଣାପଡ଼ିଛି ଯେ ଆନ୍ତର୍ଜାତିକ ଅପରାଧିମାନେ ଭଡ଼ା ଆକାଉଣ୍ଟ ବ୍ୟବହାର କରି ଅର୍ଥ ଦେଣନେଣ କରୁଛନ୍ତି । ସାଇବର ଅପରାଧରୁ ଆୟକୁ ଲୁଚାଇବା ପାଇଁ ଅନ୍ୟର ଆକାଉଣ୍ଟକୁ ଭଡ଼ା ଆକାରରେ ବ୍ୟବହାର କରାଯାଇଥାଏ । ସାଇବର ସୁରକ୍ଷିତ ଭାରତ ଗଠନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ବିଭିନ୍ନ ସଂସ୍ଥା ସହାୟତାରେ ଏଭଳି ଦେଣନେଣ ରୋକିବା ଲାଗି ପଦକ୍ଷେପ ନେବା ଆରମ୍ଭ କରିଛି ।

ଅର୍ଥ ଠକେଇ ଲୁଚାଇବା ପାଇଁ ସମ୍ପୃକ୍ତ ଆକାଉଣ୍ଟ ଗୁଡ଼ିକୁ ବିଦେଶରୁ ନିୟନ୍ତ୍ରଣ କରାଯାଇଥାଏ । ବିଭିନ୍ନ ନକଲି ପ୍ଲାଟଫର୍ମ, ୱେବ୍‌ସାଇଟ୍ ଜରିଆରେ ଜମାରାଶି ଗ୍ରହଣ ପାଇଁ ଏଭଳି ଆକାଉଣ୍ଟକୁ ବ୍ୟବହାର କରାଯାଏ । ଅର୍ଥ ମିଳିବା ପରେ ନକଲି ଆକାଉଣ୍ଟକୁ ଏହାକୁ ସ୍ଥାନାନ୍ତରଣ କରାଯାଇଥାଏ । ଇତିମଧ୍ୟରେ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ନାଗରୀକମାନଙ୍କୁ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ କିମ୍ବା କମ୍ପାନୀ ପଞ୍ଜିକରଣ ପ୍ରମାଣପତ୍ର ଓ ଅନ୍ୟାନ୍ୟ ତଥ୍ୟ ଅନ୍ୟ କାହାକୁ ବିକ୍ରି କରିବା ବା ବ୍ୟବହାର କରିବା ଲାଗି ନ ଦେବାକୁ ପରାମର୍ଶ ଦେଇଛି । ଏଭଳି ବ୍ୟାଙ୍କ୍ ଆକାଉଣ୍ଟରେ ଜମା ହୋଇଥିବା ଅର୍ଥ ଯୋଗୁଁ ଆଗାମୀ ଦିନରେ ଆଇନ୍‌ଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରଣାଳୟ କହିଛି । ଏଭଳି ଘଟଣା କ୍ଷେତ୍ରରେ ହେଲ୍ପଲାଇନ୍ ନମ୍ବର – ୧୯୩୦ କିମ୍ବା ୱେବ୍‌ସାଇଟ୍ ସାଇବରକ୍ରାଇମ୍ ଡଟ୍ ଜିଓଭି ଡଟ୍ ଇନ୍‌ରେ ଅଭିଯୋଗ କରାଯାଇପାରିବ ।

# ଭାରତ-ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍

ମହିଳା କ୍ରିକେଟ୍‌ରେ ତୃତୀୟ ତଥା ଅନ୍ତିମ ଏକଦିବସୀୟ ଆନ୍ତର୍ଜାତିକ ମ୍ୟାଚ୍‌ରେ ଆଜି ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଆଜି ଅପରାହ୍ଣ ଗୋଟାଏ ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ତିନି ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ଥିତିରେ ରହିଥିବା ବେଳେ ଆଜିର ମ୍ୟାଚ୍‌ରେ ହରମନ ପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ବିଜୟ ହାସଲ ଲାଗି ଚେଷ୍ଟା କରିବ । ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ବିଜୟ ହାସଲ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୭୬ରନ୍‌ରେ ଭାରତକୁ ପରାସ୍ତ କରିଥିଲା ।

# ଭିଭିଏସ୍ ଲକ୍ଷ୍ମଣ କ୍ରିକେଟ୍ କୋଚ୍

ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବାକୁ ଥିବା ଭାରତୀୟ କ୍ରିକେଟ୍ ଟିମ୍‌ର ମୁଖ୍ୟ ପ୍ରଶିକ୍ଷକ ଭାବେ ପୂର୍ବତନ କ୍ରିକେଟ୍ ଖେଳାଳି ଭି.ଭି.ଏସ୍. ଲକ୍ଷ୍ମଣ ଦାୟିତ୍ୱ ତୁଲାଇବେ । ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ବର୍ଡର ଗାଭାସ୍କର ଟ୍ରଫି ପାଇଁ ଗୌତମ ଗମ୍ଭୀର ପ୍ରଶିକ୍ଷକ ରହିବେ । ଦକ୍ଷିଣ ଆଫ୍ରିକା ବିରୋଧରେ ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଟିମ୍ ଆସନ୍ତା ମାସ ୮ରୁ ୧୫ ତାରିଖ ପର୍ଯ୍ୟନ୍ତ ୪ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିବ । ଆଘାତ ହେତୁ ଦଳରେ ମୟଙ୍କ ଯାଦବ, ଶିବମ ଦୁବେ ଏବଂ ରିୟାନ୍ ପରାଗଙ୍କୁ ସାମିଲ କରାଯାଇ ନାହିଁ ।

# ମହିଳା ହକି

ମହିଳା ଏସୀୟ ଚାମ୍ପିୟାନ୍ସ ଟ୍ରଫି ୨୦୨୪ ନିମନ୍ତେ ୧୮ ଜଣିଆ ଭାରତୀୟ ହକି ଦଳ ଘୋଷଣା କରାଯାଇଛି । ଆସନ୍ତା ମାସ ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ ବିହାରର ରାଜଗିର୍ ହକି ଷ୍ଟାଡିୟମ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଘୋଷଣା କରାଯାଇଥିବା ନୂଆ ଦଳରେ ସାଲିମା ଟେଟେ ଅଧିନାୟକ ଦାୟିତ୍ୱରେ ଥିବା ବେଳେ ନବନୀତ କୌର ଉପଅଧିନାୟକ ଅଛନ୍ତି । ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଭାରତ ମାଲେସିଆ ବିପକ୍ଷରେ ମ୍ୟାଚ୍ ଖେଳିବ । ଏଥିରେ ଚୀନ୍, ଜାପାନ, କୋରିଆ ଏବଂ ଥାଇଲାଣ୍ଡ ମହିଳା ହକି ଦଳ ଭାଗ ନେବେ ।